**Publication:** Samaja
**Date:** 27/08/2016
**Edition:** Bhubaneswar
**Page No:** 15
**Headline:** Sai International School wins Bhubaneswar edition of TCS IT wiz

# ବାଜି ମାରିଲା ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ

ଭୁବନେଶ୍ୱର, ୨୬।୮: ପ୍ରମୁଖ ଆଇଟି ସେବା, କନ୍ସଲ୍‌ଟିଂ ଓ ବ୍ୟବସାୟ ପ୍ରତିଷ୍ଠାନ, ଟାଟା କନ୍ସଲ୍‌ଟାନ୍ସି ସର୍ଭିସେସ୍ ଦ୍ୱାରା ଆୟୋଜିତ ଭାରତର ସର୍ବବୃହତ ଆନ୍ତଃବିଦ୍ୟାଳୟ କ୍ୱିଜ୍, ଟିସିଏସ୍ ଆଇଟି ୱିଜ୍‌ର ଭୁବନେଶ୍ୱର ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଷ୍ଟମରୁ ଦ୍ୱାଦଶ ମଧ୍ୟରେ ପଢୁଥିବା ସବୁ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଟିସିଏସ୍ ଆଇଟି ୱିଜ୍ ଖୋଲା ରହିଥିଲା। 'ଡବ୍ଲ୍ୟୁ ଇଜ୍ ଡିଜିଟାଲ୍' ଚଳିତବର୍ଷ କ୍ୱିଜ୍‌ର ବିଷୟବସ୍ତୁ ରହିଥିଲା। ଫାଇନାଲ୍‌ରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅକ୍ଷତ ପ୍ରନୀତ୍ ଏବଂ ସମ୍ପ୍ରୀତି ପଣ୍ଡା ବିଜେତା ହୋଇଥିଲେ। ୟୁନିଟ୍-୮ ସ୍ଥିତ ଡିଏଭି ସ୍କୁଲ୍‌ର ଶିବପ୍ରସାଦ ରେଡ୍ଡୀ ଏବଂ ସ୍ପନ୍ଦନ ଦାଶ ରନର୍ସ ଅପ୍ ହୋଇଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ସଚିବ ଆର୍.ଏନ୍. ପଲାଇ ଏବଂ ଟିସିଏସ୍ ସେଣ୍ଟର ମୁଖ୍ୟ ମନୋଜ ପଣ୍ଡା ଭୁବନେଶ୍ୱର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଟିସିଏସ୍ ଆଇଟି ୱିଜ୍ ୨୦୧୬ ବିଜେତା

